# ଯଙନ୍ତ ଧାତୁ ପ୍ରକରଣ

କ୍ରିୟାର ପୁନରାବୃତ୍ତି ବା ବାରମ୍ବାର କରିବା ଅର୍ଥରେ ଧାତୁରେ ଯଙ୍ (ଯ) ପ୍ରତ୍ୟୟ ଲାଗେ । ଯଙନ୍ତ ହେଲେ ଧାତୁର ଦ୍ୱିତ୍ୱ ହୁଏ । **ଣିଚ୍ ଓ ସନ୍ ପ୍ରତ୍ୟୟ ପ୍ରତ୍ୟେକ ଧାତୁରୁ ହୋଇପାରେ ମାତ୍ର ଯଙ୍ ପ୍ରତ୍ୟୟ ପ୍ରତ୍ୟେକ ଧାତୁରୁ ହୁଏ ନାହିଁ।**

୧ । ବ୍ୟଞ୍ଜନବର୍ଣ୍ଣ ଆଦିରେ ଥିବା ଏକସ୍ୱର ବିଶିଷ୍ଟ ଧାତୁରୁ ପୁନଃ ପୁନଃ ବା ଅତିଶୟ ଅର୍ଥରେ ଯଙ୍ (ଯ) ପ୍ରତ୍ୟୟ ବିକଳ୍ପରେ ହୁଏ। ଏହି ଧାତୁ ଆତ୍ମନେପଦୀ।

ଯଥା - ଭୂ + ଯଙ୍ (ଯ) = ବୋଭୂୟ + ତେ = ବୋଭୂୟତେ

(ପୁନଃ ପୁନଃ ଅତିଶୟେନ ବା ଭବତି)। ଯଙ୍ ପ୍ରତ୍ୟୟ ହେଲେ ଧାତୁ ଅଭ୍ୟସ୍ତ (ଦେଶ-ଉଭେ ଅଭ୍ୟସ୍ତମ୍। 6.1.5) ହୁଏ ଏବଂ ଯାବତୀୟ ଅଭ୍ୟସ୍ତ କାର୍ଯ୍ୟକୁ ପ୍ରାପ୍ତ ହୁଏ।

୨ । ଦୁଇ ସ୍ୱରବିଶିଷ୍ଟ ସୂଚ, ସୂତ୍ର ଓ ମୂତ୍ର ଧାତୁରୁ ଏବଂ ସ୍ୱରାଦି ଅଟ୍, ଅଶ୍ ଧାତୁରୁ ମଧ୍ୟ ଯଙ୍ ହୁଏ। ଯଥା- ସ୍ୱଚ୍ - ସୋସୂଚ୍ୟତେ, ସୂତ୍ର - ସୋସୂତ୍ର୍ୟତେ, ମୂତ୍ର - ମୋମୁତ୍ର୍ୟତେ, ଅଟ୍ - ଅଟାଟ୍ୟତେ, ଅଶ୍ - ଅଶାଶ୍ୟତେ।

୩। ଗତ୍ୟର୍ଥକ ଧାତୁରୁ କେବଳ କୌଟିଲ୍ୟ ବା ବକ୍ରତା ଅର୍ଥରେ ବିକଳ୍ପରେ ଯଙ୍ ହୁଏ। ପୁନଃ ପୁନଃ ବା ଅତିଶୟ ଅର୍ଥରେ ହୁଏ ନାହିଁ। ଯଥା - କୁଟିଳମ୍ ଅଟତି = ଅଟାଟ୍ୟତେ, କୁଟିଳଂ ଗଚ୍ଛତି = ଜଙ୍ଗମ୍ୟତେ ଇତ୍ୟାଦି।

୪ । ଯଙ୍ ପ୍ରତ୍ୟୟାନ୍ତ ଧାତୁର ପୂର୍ବଭାଗର ଗୁଣ ହୁଏ। ଯଥା ଶୁଚ୍ - ଶୋଶୁଚ୍ୟତେ, ଦୀପ୍ - ଦେଦୀପ୍ୟତେ, ଲୁପ୍ - ଲୋଲୁପ୍ୟତେ, ଭୁଜ୍ - ବୋଭୁଜ୍ୟତେ, ଲିଖ୍ - ଲେଲିଖ୍ୟତେ ଇତ୍ୟାଦି।

୫ । କେତେକ ଯଙନ୍ତ ଧାତୁର ଲଟ୍ ପ୍ରଥମପୁରୁଷ ଏକବଚନରେ ରୂପ -

ଦା - ଦେଦୀୟ - ଦେଦୀୟତେ

ହନ୍ - ଜେଘ୍ନୀୟ - ଜେଘ୍ନୀୟତେ

ନୃତ୍ - ନରୀନୃତ୍ୟ - ନରୀନୃତ୍ୟତେ

ପ୍ରଚ୍ଛ୍ - ପରୀପୃଚ୍ଛ୍ୟ - ପରୀପୃଚ୍ଛ୍ୟତେ

ଜ୍ୱଲ୍ - ଜାଜ୍ୱଲ୍ୟ - ଜାଜ୍ୱଲ୍ୟତେ।

ରୁଦ୍ - ରୋରୁଦ୍ୟ - ରୋରୁଦ୍ୟତେ

ପା - ପେପୀୟ - ପେପୀୟତେ

ସ୍ମୃ - ସାସ୍ମର୍ଯ୍ୟ - ସାସ୍ମର୍ଯ୍ୟତେ

ହନ୍ (ଗତି) - ଜଘନ୍ୟ - ଜଘନ୍ୟତେ

ଗ୍ରହ - ଜରୀଗୃହ୍ୟ - ଜରୀଗୃହ୍ୟତେ

ଶୀ - ଶାଶଯ୍ୟ - ଶାଶଯ୍ୟତେ

ନୀ - ନେନୀୟ - ନେନୀୟତେ

କୃ - ଚେକ୍ରୀୟ - ଚେକ୍ରୀୟତେ

## ଅଭ୍ୟାସ

**୧ । ଏକପଦୀ କୁରୁତ ।**

(ଭୃଶଂ) ପୁନଃ ପୁନର୍ବା ପତତି। ପୁନଃ ପୁନର୍ଭବତି। କୁଟିଳମ୍ ଅଟତି। ପୁନଃ ପୁନଃ (ଅତିଶୟେନ ବା) ହରତି। ପୁନଃ ପୁନଃ ଜାୟତେ। ପୁନଃ ପୁନଃ ପୃଚ୍ଛତି। ପୁନଃ ପୁନଃ ପଶ୍ୟତି। ଅତିଶୟେନ ରୋଦିତି।

**୨ । ଯଙନ୍ତଧାତୁରୂପୈଃ ଶୂନ୍ୟସ୍ଥାନାନି ପୂରୟତ। (ଲଟ୍-ପ୍ରଥମ ପୁରୁଷୈକବଚନେ)**

(କ) ବାଳକାଃ ରାମଂ ---- (ଗମ୍)

(ଖ) କୃଷ୍ଣଃ ଗଣିତଂ ----- (ପଠ୍)

(ଗ) ଅଗ୍ନିଃ ଯଜ୍ଞଶାଳାୟାଂ ---- (ଜ୍ୱଲ୍)

(ଘ) ସୀତା ଜଳଂ ----- (ପା)

(ଙ) ଶିକ୍ଷକଃ ସ୍ୱମତଂ ---- (ବଦ୍)